# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**26 March – 2026**

# ଶ୍ରୀମନ୍ଦିର ରତ୍ନ ଗଣତି ମଣତି

ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଅଳଙ୍କାରର ଗଣତି-ମଣତି ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଗତକାଲି ଶେଷ ହୋଇଛି। ରତ୍ନଭଣ୍ଡାରର ଗଣତିମଣତି ପାଇଁ ୩ଟି ପର୍ଯ୍ୟାୟ କରାଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି ଚଳନ୍ତି ଭଣ୍ଡାରର ଗଣତିମଣତି ଶେଷ ହୋଇଛି । କିଛି ଅଳଙ୍କାର ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହୋଇଥିବାରୁ ସେଗୁଡ଼ିକର ଗଣତି କରାଯାଇପାରିନାହିଁ ।

**V/O**

ମାହେନ୍ଦ୍ର ବେଳା ମଧ୍ୟାହ୍ନ ୧୨ଟା ୩୫ରେ ଗତକାଲି ସ୍ୱତନ୍ତ୍ର ପ୍ରତିନିଧି ଦଳ ଶ୍ରୀମନ୍ଦିରରେ ପ୍ରବେଶ କରି ଗଣତି ପ୍ରକ୍ରିୟା ଆରମ୍ଭ କରିଥିଲେ। ୧୯୭୮ ମସିହାରେ ହୋଇଥିବା ଗଣତି-ମଣତି ରିପୋର୍ଟ ସହ ବର୍ତ୍ତମାନର ଗଣତି-ମଣତି ମେଳକ କରାଯାଇ ଅଳଙ୍କାର ଗୁଡ଼ିକୁ ଟ୍ୟାଗିଂ କରାଯିବ।

# ଅଗ୍ନିବୀର-ସଂରକ୍ଷଣ

କେନ୍ଦ୍ର ସରକାରଙ୍କର ପୁର୍ନବାସନ ନୀତି ଅନୁସାରେ ଅଗ୍ନିବୀର ମାନଙ୍କୁ ୨୦ ପ୍ରତିଶତ ନିଯୁକ୍ତି ସଂରକ୍ଷଣ ରଖିବାପାଇଁ ଗୃହମନ୍ତ୍ରୀ ଅମିତ ଶାହା ସମସ୍ତ

ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି । ବନବିଭାଗ, ଖଣି, ଅଗ୍ନିଶମ ଓ ପୁଲିସ, ଜେଲ ବିଭାଗ ସମେତ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳରେ ୨୦ ପ୍ରତିଶତ ନିଯୁକ୍ତି ସଂରକ୍ଷଣ ରଖିବାକୁ ମୁଖ୍ୟମନ୍ତ୍ରୀମାନଙ୍କୁ ଶ୍ରୀ ଶାହା କହିଛନ୍ତି ।

## ଜବାନ ଗୁରୁତର

କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଜଙ୍ଗଲ ଅଞ୍ଚଳରେ ମାଓବିରୋଧୀ ଅଭିଯାନରେ ଖାନ୍‌ତଲାସୀ ଚାଲିଥିବା ସମୟରେ ଅସାବଧାନତା ହେତୁ ନିଜ ବନ୍ଧୁକର ଗୁଳିଫୁଟାରୁ ଜଣେ ଜବାନ ଗୁରୁତର ଆହତ ହୋଇଛନ୍ତି । ଜବାନଙ୍କର ନାଁ ସୁକାନ୍ତ ମାଝି । ବ୍ରହ୍ମପୁର ବଡ଼ ମେଡ଼ିକାଲରେ ତାଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଞ୍ଚଳରେ ବର୍ତ୍ତମାନ ୮ରୁ ୧୦ଜଣ ମାଓବାଦୀ ଲୁଚି ରହିଛନ୍ତି ।  ଚଳିତମାସ ଶେଷ ସୁଦ୍ଧା ଦେଶକୁ ନକ୍ସଲମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି ।

## ଅଶୋକାଷ୍ଟମୀ

ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଆଜି ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ରଥଯାତ୍ରା ଅନୁଷ୍ଠିତ ହେଉଛି । ଶ୍ରୀ ଲିଙ୍ଗରାଜଙ୍ଗର ବିଜେ ପ୍ରତିମା ଚନ୍ଦ୍ରଶେଖରଙ୍କ ସହିତ ବାସୁଦେବା ଏବଂ ରୁକ୍ମିଣୀଙ୍କୁ ରଥରେ ବସାଇ ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ରଥଯାତ୍ରା ହେଉଥିବାରୁ ଏହାକୁ ରୁକୁଣା

ରଥଯାତ୍ରା କୁହାଯାଇଥାଏ । ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରଥଯାତ୍ରା ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ପ୍ରଶିକ୍ଷଣ ଶିବିର

ସମ୍ବଲପୁର ତହସିଲରେ ଆସନ୍ତା ୨୦୨୭ମସିହାରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଜନଗଣନା ନିମନ୍ତେ ୩ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି । ଆସନ୍ତାମାସ ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଶିବିରରେ ସମୁଦାୟ ୧୩୭ଜଣ ଗଣନାକାରୀ ଓ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ।

## ଏଆଇ-କର୍ମଶାଳା

ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଇଁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ କୃତ୍ରିମ ବୁଦ୍ଧିମତା - ଏଆଇ କର୍ମାଶାଳା ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଜୟୀରାଜଗୁରୁ ସମ୍ମିଳନୀ କକ୍ଷରେ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର ଏବଂ ବୁଦ୍ଧିମତ ନିଗମ ପ୍ରତିଷ୍ଠାନର ମିଳିତ ସହଯୋଗରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା ।

## ସ୍କାଉଟ୍ ଓ ଗାଇଡ୍

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବାପୁଜୀ ହାଇସ୍କୁଲ ପଡ଼ିଆରେ ୫ମ ଜାତୀୟ ଜିଲ୍ଲାସ୍ତରୀୟ ସ୍କାଉଟ୍ ଏବଂ ଗାଇଡ୍ କ୍ୟାରି ଗତକାଲି ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାପାଳ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍କାଉଟ୍ ପତାକା ଉତ୍ତୋଳନ କରିଥିଲେ । ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୪୫ଜଣ ଛାତ୍ରଛାତ୍ରୀ ଶିବିରରେ ଯୋଗ ଦେଇଛନ୍ତି ।

## ପାଣିପାଗ

ଆସନ୍ତା ଶନିବାର ପର୍ଯ୍ୟନ୍ତ କାଳବୈଶାଖୀର ପ୍ରଭାବରେ ବଜ୍ରପାତ ସହିତ ବର୍ଷାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆଜି ସକାଳ ସୁଦ୍ଧା ରାଜ୍ୟର ୧୭ଟି ଜିଲ୍ଲାକୁ ଏନେଇ ସତର୍କ ସୂଚନା ଜାରି କରାଯାଇଛି । ସୋନପୁର ବ୍ୟତୀତ ରାଜ୍ୟର କୌଣସି ସ୍ଥାନରେ ଗତକାଲି ତାପମାତ୍ରା ୩୮ ଡିଗ୍ରୀରୁ କମ୍ ଥିଲା । ହେଲେ ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି ।

କାଳବୈଶାଖୀ ପ୍ରଭାବରେ ଯାଜପୁର ଜିଲ୍ଲା ମହୋତ୍ସବର ମେଳା ପରିସରରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଗତକାଲି ସଂଧ୍ୟାରେ ଯାଜପୁର ସହର ଆଖପାଖ ଅଞ୍ଚଳରେ ପ୍ରବଳ ପବନ ସହ ବର୍ଷା ହୋଇଥିଲା ।